## ମଦ, ଟଙ୍କା ଓ ଅଟୋ ଜବତ; ଜଣେ ଗିରଫ

କଣାସ,୧୪।୫(ସମିସ): କଣାସ ଅଞ୍ଚଳକୁ ଖୋର୍ଦ୍ଧା ଜଙ୍କିଆ ଅଞ୍ଚଳରୁ ଦୈନନ୍ଦିନ ଚୋରାମଦ ଆସି ବିକ୍ରି ହେଉଥିବା ଗଡ଼ିଶାଗୋଦା ପୁଲିସ ପାଖରେ ଖବର ପହଞ୍ଚିଥିଲା। ଗଡ଼ିଶାଗୋଦା ଥାନା ଅଧିକାରୀ ଗୁରୁବାର ବୀରକେଶରପୁରର ସାରିକିଆ ବ୍ରିଜ୍ ନିକଟରେ ଜଗି ରହିଥିବା ସମୟରେ ଏକ ଅଟୋ ରିକ୍ସା ପହଞ୍ଚିବାରୁ ତାକୁ ଅଟକାଇ ଯାଞ୍ଚ କରିବାବେଳେ ସେଥିରୁ ୮୪ ଲିଟର ୪୬୦ ଗ୍ରାମ ଦେଶୀ ଓ ବିଦେଶୀ ମଦ ସହିତ ନଗଦ ୩୮ ହଜାର ୪୨୦ ଟଙ୍କା ଜବତ କରିଥିଲେ। ମଦ ନେଇ ଯାଉଥିବା ଜଙ୍କିଆ ଗ୍ରାମର ଅକ୍ଷୟ ସାମନ୍ତରାୟଙ୍କୁ ଗିରଫ କରିଥିଲେ। ଗଡ଼ିଶାଗୋଦା ଥାନା ଅଧିକାରୀଙ୍କୁ ପଚାରିବାରେ ସେ କୁହନ୍ତି, ବିଶେଷ ସୂତ୍ରରୁ ଖବର ପାଇ ଦୁଇଟି ଟିମ୍ ଗଠନ କରି ଆଜି ତାକୁ ଧରିବାରେ ସକ୍ଷମ ହୋଇଛୁ। ଆଗକୁ ଏହି ପ୍ରକ୍ରିୟା ଜାରି ରହିବ।

## ଧାନ ଟ୍ରକ୍ ଧକ୍କାରେ ଭାଙ୍ଗିଲା ବିଦ୍ୟୁତ୍ ଖୁଣ୍ଟ

ନୟାହାଟ,୧୪।୫(ସମିସ): ଗୁରୁବାର ସକାଳୁ ଧାନ ବୋଝେଇ ଏକ ଟ୍ରକ୍ ନୟାହାଟ ନାଗପୁର ରାସ୍ତାର ବିସୁଲିପଡ଼ାଠାରେ ବିଦ୍ୟୁତ୍ ଖୁଣ୍ଟରେ ଧକ୍କା ହେବାରୁ ଦୁଇଟି ଖୁଣ୍ଟ ଭାଙ୍ଗିଯାଇଛି। ବିଦ୍ୟୁତ୍ ଥିବା ଅବସ୍ଥାରେ ଏହି ଅଘଟଣ ଘଟିଛି। କୌଣସି କ୍ଷତି ହୋଇ ନ ଥିବାବେଳେ ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ ଧାନ ବୋଝେଇ ଟ୍ରକ୍‌ଟିକୁ ଜବତ କରିଛନ୍ତି।

## ବସ୍ ଦୁର୍ଘଟଣାରେ ସାଇକଲ ଆରୋହୀ ମୃତ

ନିମାପଡ଼ା,୧୪।୫(ସମିସ): ନିମାପଡ଼ା-ପିପିଲି ରାସ୍ତାର ତଳ ଅଣ୍ଡିଆ ଛକ ନିକଟରେ ଏକ ବସ୍ ଧକ୍କାରେ ଜଣେ ସାଇକଲ ଆରୋହୀଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ସୂଚନା ମୁତାବକ, ଗୁରୁବାର ସକାଳୁ ଆଲଣ୍ଡି ଗ୍ରାମର ଚିତ୍ତରଞ୍ଜନ ବାରିକ (୬୦) ନିମାପଡ଼ାରୁ ଘରକୁ ଫେରୁଥିବା ସମୟରେ ଏହି ଥାନା ଅନ୍ତର୍ଗତ ତଳ ଆଣ୍ଡିଆ ଛକ ନିକଟରେ ଏକ ଯାତ୍ରୀବାହୀ ବସ୍ ତାଙ୍କ ପଛ ପଟୁ ଧକ୍କା ଦେଇଥିଲା। ଫଳରେ ସେ ରାସ୍ତା ଉପରେ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକମାନେ ଚିତ୍ତରଞ୍ଜନଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରି ଚିକିତ୍ସା ପାଇଁ ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ତାଙ୍କ ପୁଅ ଅଶ୍ୱିନୀଙ୍କ ଅଭିଯୋଗ କ୍ରମେ ଦୁର୍ଘଟଣାସ୍ଥଳରେ ପୁଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିବା ସହିତ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇଛି।

## ଦୁଇ ବରିଷ୍ଠ ନାଗରିକଙ୍କ ବିୟୋଗରେ ଶୋକ

ନୟାହାଟ,୧୪।୫(ସମିସ): ନୟାହାଟ ଫାଣ୍ଡି ଅନ୍ତର୍ଗତ ମଧୁସୂଦନ ବରିଷ୍ଠ ନାଗରିକ ମଞ୍ଚର ଦୁଇ ବରିଷ୍ଠ ନାଗରିକଙ୍କ ବିୟୋଗରେ ନୟାହାଟଠାରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ମୃତକ ଦ୍ୱୟ ହେଲେ ନରସିଂହପୁର ଗ୍ରାମର ପ୍ରହଲ୍ଲାଦ ସାହୁ(୬୮) ଓ ଖାଣିପୁର ଗ୍ରାମର ପ୍ରଫୁଲ୍ଲ ଚରଣ ମହାନ୍ତି(୭୪)। ଏହି ଦୁଇ ଜଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଶୋକସଭାରେ ମଧୁସୂଦନ ରାୟ, ସମ୍ପାଦକ କୈଳାସ ଚନ୍ଦ୍ର ଦାସ, ସହସମ୍ପାଦକ କୃଷ୍ଣଚନ୍ଦ୍ର ବାରିକ, ଉପସଭାପତି ସୁରେନ୍ଦ୍ରମୋହନ ବିଟି, ମହମ୍ମଦ ତୟବ, ମିର୍ଜା ଆଲମ୍ ବେଗ, କରୁଣାକର ପାତ୍ର, ରଞ୍ଜନ ପାତ୍ର, ରମେଶ ଚନ୍ଦ୍ର ବିଟି, ଗୁରୁ ପ୍ରସାଦ ମହାନ୍ତି, ମଧବାନନ୍ଦ ନନ୍ଦି ପ୍ରମୁଖ ଶୋକସଭାରେ ଯୋଗଦେଇଥିଲେ।

## ଖରାଦିନେ ନଳକୂଅ ଅଚଳ



ନୟାହାଟ,୧୪।୫(ସମିସ): ଖରାଦିନରେ ପିଇବା ପାଣି ଲୋକଙ୍କୁ ଯୋଗାଇଦେବା ପାଇଁ ପ୍ରଶାସନ ପକ୍ଷରୁ ସବୁପ୍ରକାର ପଦକ୍ଷେପ ନିଆଯାଉଥିବା ବେଳେ ନୟାହାଟ ବଜାରରେ ଏହା ଫେଲ୍ ମାରିଛି। ନୟାହାଟ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ପ୍ରଶାସନ ପକ୍ଷରୁ ଏକ ଢିଙ୍କିଆ ନଳକୂଅ ବସାଯାଇ ତାହାର ହ୍ୟାଣ୍ଡେଲ ଲଗାଯାଇ ନ ଥିବାରୁ ପାଣି ବାହାରୁନାହିଁ। ବଜାରରେ ଥିବା ବ୍ୟବସାୟୀ ଓ ବାଟୋଇ ପିଇବା ପାଣି ପାଇଁ ବଞ୍ଚିତ ଥିବାବେଳେ ବ୍ୟବସାୟୀ ସଙ୍ଘର ସଭାପତି ଫକିର ବାରିକ ପ୍ରକାଶ କରିଛନ୍ତି।

## ପେଟ୍ରୋଲ-ଡିଜେଲ ମିଳୁନି



ସାକ୍ଷୀଗୋପାଳ,୧୪।୫(ସମିସ): ସତ୍ୟବାଦୀ ଥାନା ଅନ୍ତର୍ଗତ ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ସିରିଆପୁର ବ୍ରିଜ୍‌ଠାରୁ ସମୟାଜପୁର ମଧ୍ୟରେ ଥିବା ପେଟ୍ରୋଲ ପମ୍ପ୍‌ଗୁଡ଼ିକରେ ଗୁରୁବାର ରାତି ୮ଟାରୁ ପେଟ୍ରୋଲ ମିଳୁନାହିଁ। ପ୍ରତ୍ୟେକ ପେଟ୍ରୋଲ ପମ୍ପ୍‌ରେ ବାଇକ୍‌ଗୁଡ଼ିକର ଲମ୍ବା ଲାଇନ୍ ଲାଗିଛି। ଷ୍ଟକ୍ ସରିଯାଇଥିବାରୁ ପେଟ୍ରୋଲ ବିକ୍ରି ବନ୍ଦ ରହିଛି। ପେଟ୍ରୋଲ ଟ୍ୟାଙ୍କର ଆସିବା ପରେ ପେଟ୍ରୋଲ ମିଳିବ ବୋଲି ଟାଙ୍କି ପରିଚାଳକମାନେ ପ୍ରକାଶ କରିଛନ୍ତି। ରାତି ୮ଟା ପର୍ଯ୍ୟନ୍ତ ବାଇକ୍ ପିଛା ୨୦୦ ଟଙ୍କାର ପେଟ୍ରୋଲ ବିକ୍ରୟ କରାଯାଉଥିଲା। ପେଟ୍ରୋଲ ନ ମିଳିବା କାରଣରୁ ବାଇକ୍ ଚାଳକମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି।

# ଗୋ-ଚାଲଣ ଅଭିଯୋଗରେ ୫ ଗୋ-ପାଳକ ଗିରଫ

ଡେଲାଙ୍ଗ,୧୪।୫(ସମିସ)

ଗୋ-ଚାଲଣ ଅଭିଯୋଗରେ ୫ ଗୋ-ପାଳକ ଗିରଫ ହୋଇଥିବା ପୁଲିସଠାରୁ ସୂଚନା ମିଳିଛି। ସେମାନେ ହେଲେ ପିପିଲି ଥାନା ଅଧୀନ ନିର୍ମଳା ଗ୍ରାମର ତପନ ବେହେରା(୩୦), ପୋଡ଼ଙ୍ଗର ବିକାଶ ବେହେରା (୩୩), ଗୌଡ଼ହୁଙ୍କାର ବିଜୟ ବେହେରା(୪୮), ବୁଢ଼ାପଡ଼ା ଜଟଣୀ ଅଞ୍ଚଳର କୃଷ୍ଣଚନ୍ଦ୍ର ବେହେରା(୩୦), ପୁରୀ ସଦର ବାଟଗାଁ ଶଶିକାନ୍ତ ବେହେରା (୨୬)।

ମିଳିଥିବା ସୂଚନା ମୁତାବକ, ଡେଲାଙ୍ଗ ଗଡ଼ମାଣିତ୍ରୀଠାରେ ଗୋ-ପାଳକମାନେ ମଙ୍ଗଳବାର ରାତିରେ ପାଖାପାଖି ଶହେରୁ ଅଧିକ ଗାଇଗୋରୁଙ୍କୁ ନେଇ ପରଙ୍ଗ ଅଭିମୁଖେ ଯାଉଥିଲେ। ରାତିଅଧରେ ଗାଇଗୋରୁଙ୍କୁ ନେବା ସମୟରେ ସେମାନଙ୍କୁ ହିନ୍ଦୁ ଜାଗରଣ ମଞ୍ଚର ଯୁବକମାନେ ଅଟକାଇବା ସହ ତାଙ୍କୁ ମରଣାନ୍ତକ ଆକ୍ରମଣ କରି ସେମାନଙ୍କ ଗାଡ଼ି ଓ ମୋବାଇଲ ଛଡ଼ାଇ ନେଇଥିବା ନେଇ ଗୋ-ପାଳକ କୈଳାସ ବେହେରା ଡେଲାଙ୍ଗ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଡେଲାଙ୍ଗ ଥାନାରେ କୈଳାସଙ୍କ ଅଭିଯୋଗ ଆଧାରରେ ୧୩୪/୨୬ରେ ଏକ ମାମଲା ରୁଜୁ କରାଯାଇଛି। ଅନ୍ୟପଟେ ହିନ୍ଦୁ ଜାଗରଣ ମଞ୍ଚର ଅଭିଯୋଗ ଆଧାରରେ ୧୩୩/୨୬ରେ ମାମଲା ରୁଜୁ କରାଯାଇଥିବା ଜଣାପଡ଼ିଛି। ହେଲେ ଦୁଃଖ ଓ ପରିତାପର ବିଷୟ ଆକ୍ରମଣର ଶିକାର ହୋଇଥିବା ୫ ଗୋ-ପାଳକଙ୍କୁ ଡେଲାଙ୍ଗ ପୁଲିସ ଗିରଫ କରି କୋର୍ଟଚାଲାଣ କରିଥିବାବେଳେ ହିନ୍ଦୁ ଜାଗରଣ ମଞ୍ଚ ନାମରେ ହୋଇଥିବା ମାମଲାରେ ପୁଲିସ କାହାରିକୁ ଗିରଫ କରିନାହିଁ। ଏହାକୁ ନେଇ ବେହେରା ସମ୍ପ୍ରଦାୟର ଲୋକେ ପୁଲିସ ପ୍ରଶାସନର କାର୍ଯ୍ୟଦକ୍ଷତା ନେଇ ପ୍ରଶ୍ନ ଉଠାଇଛନ୍ତି। ଡେଲାଙ୍ଗ ପୁଲିସ ଏହି ଘଟଣାରେ ପ୍ରକୃତ ତଦନ୍ତ ନ କରି ତରବରିଆ ଭାବେ ଗୋ-ପାଳକଙ୍କୁ ଗିରଫ କରି କାମ ସାରିଦେଇଥିବା ଜିଲ୍ଲା ପରିଷଦ ସଭ୍ୟ ଧରଣୀଧର ସାହୁ ସଙ୍ଗୀନ ଅଭିଯୋଗ ଆଣିଛନ୍ତି।

**ପୁଲିସର କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନବାଚୀ**

ଏମାନେ ଦୀର୍ଘବର୍ଷ ଧରି ନିଜର ଗାଇଗୋଠଙ୍କୁ ବର୍ଷାଦିନେ ଚରାଇବା ପାଇଁ ପାହାଡ଼ିଆ ଅଞ୍ଚଳ (ପରଙ୍ଗ)କୁ ନେଇଯାଇଥାନ୍ତି। କିନ୍ତୁ ତାଙ୍କୁ ପ୍ରଥମେ ଗୋ-ଚାଲଣକାରୀ ଭାବି ଆକ୍ରମଣ କରାଗଲା। ସେମାନଙ୍କଠାରୁ ଗାଡ଼ି, ମୋବାଇଲ୍ ଓ ଶତାଧିକ ଗୋରୁଙ୍କୁ ଛଡ଼ାଇନେଲେ। ପୁଲିସ ପହଞ୍ଚି ଆକ୍ରମଣକାରୀଙ୍କଠାରୁ ଉଦ୍ଧାର କରି ମେଡିକାଲକୁ ଚିକିତ୍ସା ପାଇଁ ନେଲେ। ଶେଷରେ କାହା ଚାପରେ ୫ ଗୋ-ପାଳକଙ୍କୁ ଗିରଫ କରି କୋର୍ଟଚାଲାଣ କଲେ ତାହା ଏବେ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ପୁଲିସର କାର୍ଯ୍ୟଦକ୍ଷତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଥିବା ଶ୍ରୀ ସାହୁ କହିଛନ୍ତି। ଗୋ-ଚାଲଣକାରୀଙ୍କୁ ବିରୋଧ କରିବା ସ୍ୱାଗତଯୋଗ୍ୟ ପଦକ୍ଷେପ। କିନ୍ତୁ କିଏ ଗୋ-ଚାଲାଣକାରୀ ଓ କିଏ ଗୋ-ପାଳକ ସେମାନଙ୍କୁ ପ୍ରଥମେ ଚିହ୍ନିବା ଦରକାର। ଏଭଳି ସମ୍ବେଦନଶୀଳ ଘଟଣାରେ ପୁଲିସ ପ୍ରଶାସନର ଏକପାଖିଆ ପଦକ୍ଷେପ ଆଦୌ ଗ୍ରହଣଯୋଗ୍ୟ ନୁହେଁ ବୋଲି ଶ୍ରୀ ସାହୁ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଗୋ-ସମ୍ପଦର ସୁରକ୍ଷା ପାଇଁ ସରକାର ଡିଣ୍ଡିମ ପିଟୁଥିବାବେଳେ ଗୋ-ପାଳକଙ୍କୁ ଜେଲ୍ ପଠାଇବା ନେଇ ସାଧାରଣରେ ଭ୍ରୂକୁଞ୍ଚନ ସୃଷ୍ଟି କରିଛି।

## ପଦ୍ମଶ୍ରୀ ଭବାନୀ ଚରଣ ପଟ୍ଟନାୟକଙ୍କ ୬ଷ୍ଠ ଶ୍ରାଦ୍ଧବାର୍ଷିକୀ

ନିମାପଡ଼ା,୧୪।୫(ସମିସ): ସ୍ଥାନୀୟ ଟାଉନ୍ ହଲ୍ ପରିସରରେ ମହାନ ସ୍ୱାଧୀନତା ସଂଗ୍ରାମୀ ପଦ୍ମଶ୍ରୀ ଭବାନୀ ଚରଣ ପଟ୍ଟନାୟକଙ୍କ ୬ଷ୍ଠ ଶ୍ରାଦ୍ଧ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ନିମାପଡ଼ାରେ ଜନ୍ମ ହୋଇଥିବା ଓଡ଼ିଶାର ମହାନ୍ ସ୍ୱାଧୀନତା ସଂଗ୍ରାମୀ ଶତାବ୍ଦୀର ଯୁଗପୁରୁଷ ତଥା ଗାନ୍ଧୀବାଦୀ ନେତା ପଦ୍ମଶ୍ରୀ ଭବାନୀ ଚରଣ ପଟ୍ଟନାୟକଙ୍କ ପବିତ୍ର ଶ୍ରାଦ୍ଧ ଦିବସକୁ ଗୁରୁବାର ନିମାପଡ଼ାରେ 'ନିମାପଡ଼ା ପ୍ରେରଣା ଦିବସ' ଭାବେ ସହିଦ୍ ସ୍ମୃତି ସଂସଦ ପ୍ରାଙ୍ଗଣରେ ପାଳନ କରାଯାଇଛି। ଏହି ଅବସରରେ ପ୍ରଥମ ଭବାନୀ ପଟ୍ଟନାୟକ ସେବା ପୁରସ୍କାର-୨୦୨୬ ଗୋପ ଅଞ୍ଚଳର ସ୍ୱେଚ୍ଛାସେବୀ ସଂଗଠନ ଉତ୍ସର୍ଗକୁ ପ୍ରଦାନ କରାଯାଇଥିଲା। ଆମ ଓଡ଼ିଶା ଶୀର୍ଷକ ଏକ ଚିତ୍ରାଙ୍କନ ପ୍ରତିଯୋଗିତାରେ ପ୍ରାୟ ୧୦୦ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ସେମାନଙ୍କ ମଧ୍ୟରୁ ୭ ଜଣ କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ଦିନେ ମାତ୍ର ୧୨ ବର୍ଷ ବୟସରେ ଯେଉଁ ପିଲା ଭବାନୀ ଗୁରୁଜୀଙ୍କ କନିଅର ଛାଟକୁ ଭ୍ରୂକ୍ଷେପ ନ କରି ପଞ୍ଚମ ଜର୍ଜ କି ଜୟ ବଦଳରେ ମହାତ୍ମା ଗାନ୍ଧୀଙ୍କ ଜୟ ଧ୍ୱନି ଦେଇ ନିମାପଡ଼ାବାସୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ସେହି ପିଲା ମାତ୍ର ୧୮ ବର୍ଷ ବୟସରେ ୧୯୪୨ ଭାରତ ଛାଡ଼ ଆନ୍ଦୋଳନରେ ଗାନ୍ଧିଜୀଙ୍କ ଡକରାରେ ପାଠପଢ଼ା ଛାଡ଼ି ଭାରତ ମୁକ୍ତି ଆନ୍ଦୋଳନରେ ଯୋଗଦେଇ ଅବିଭକ୍ତ ପୁରୀ ଜିଲ୍ଲା ରେ ସର୍ବ ପ୍ରଥମେ ବୀର ମାଟି ନିମାପଡ଼ା କୁ ସ୍ୱାଧୀନ ପଞ୍ଚାୟତ ଭାବେ ଘୋଷଣା କରିବା ପାଇଁ ସାହସର ସହ ରକ୍ତମୁଖା ପୁଲିସ ଆଗରେ ଛାତି ପାତି ଦେଇ ନିଜ ଦେଶପ୍ରେମ ର ପରିଚୟ ଦେଇଥିଲା ବୋଲି ମୁଖ୍ୟବକ୍ତା ଭାବେ ଯୋଗଦେଇ ଓଡ଼ିଶାର ପ୍ରଖ୍ୟାତ ସାହିତ୍ୟିକ ପ୍ରଫେସର ଦାଶ ବେନହୁର କହିଥିଲେ। ଦେଶ ମାତୃକାର ସେବା ପାଇଁ ହସି ହସି କାରାବରଣ କରି ନିଜ ଜୀବନର ୩ ବର୍ଷ ୬ ମାସ କାଳ ବ୍ରିଟିଶ ଜେଲର୍ କଳା କୋଠରୀରେ ରହି ଅକଥନୀୟ ନିର୍ଯାତନା ସହିଥିଲେ। ଜେଲ୍ ଭିତରେ ଦେଶର ସନ୍ଥ ପୁରୁଷ ନବକୃଷ୍ଣ ଚୌଧୁରୀଙ୍କଠାରୁ ଆରମ୍ଭ କରି ଓଡ଼ିଶାର ଭୂମିପୁତ୍ର ବିଜୁ ବାବୁଙ୍କ ପର୍ଯ୍ୟନ୍ତ ସମସ୍ତଙ୍କଠାରୁ ସଚ୍ଚୋଟ ରାଜନୀତି ଓ ଦେଶ ପ୍ରେମର ତାଲିମ ନେଇ ମାଟ୍ରିକ୍ ପାସ୍ କରି ନ ଥିବା ଏହି ସଂଗ୍ରାମୀ ତିନି ତିନି ଥର ରାଜ୍ୟସଭାର ସାଂସଦ ଭାବେ କାର୍ଯ୍ୟ କରିବାର ସୁଯୋଗ ପାଇଥିଲେ ବୋଲି ନିମାପଡ଼ା ସହିଦ୍ ସ୍ମୃତି ସଂସଦର ସଭାପତି ତଥା ପୂର୍ବତନ ମନ୍ତ୍ରୀ ସମୀର ଦାଶ କହିଥିଲେ। ଶିକ୍ଷାନୁଷ୍ଠାନଟିଏ ଗଢ଼ିବା ପାଇଁ ସେ ଭିକ୍ଷାଥାଳ ଧରି ଘର ଘର ବୁଲିବାକୁ ବି କୁଣ୍ଠାବୋଧ କରୁ ନ ଥିଲେ ବୋଲି ସଂସଦର ସମ୍ପାଦକ ଡ. ବେଣୁଧର ସେନାପତି କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପ୍ରଫେସର ଯୋଗେନ୍ଦ୍ର ଚନ୍ଦ୍ର ମିଶ୍ର, ଜୀବନାନନ୍ଦ ମହାପାତ୍ର, ବ୍ଲକ୍ ଅଧ୍ୟକ୍ଷ ଶଙ୍କର ଭୋଇ, ଉପଧ୍ୟକ୍ଷା ଅନୁସୂୟା ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ, ପ୍ରାକ୍ତନ ବିଇଓ ଅନିଲ କୁମାର ବିଶ୍ୱାଳ, ଶିକ୍ଷାବିତ୍ ଗୌରାଙ୍ଗ ଚରଣ ରାହୁଳ, ଆର୍ତ୍ତବନ୍ଧୁ ସେନାପତି, ଦେବେନ୍ଦ୍ରନାଥ ସାହୁ, କୃଷ୍ଣଚନ୍ଦ୍ର ରାଉତ, ବ୍ରଜେନ୍ଦ୍ର ପ୍ରଧାନ, ବସନ୍ତ କୁମାର ପାତ୍ରଙ୍କ ସମେତ ଅନେକ ଶିକ୍ଷାବିତ୍, ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି ଯୋଗଦେଇଥିଲେ।

## ଡେଲାଙ୍ଗରେ ଖଣି ଖୋଳାକୁ କେନ୍ଦ୍ରକରି ଗୁଳି ଓ ବୋମାମାଡ଼

ଡେଲାଙ୍ଗ,୧୪।୫(ସମିସ): ବେଆଇନ ମାଙ୍କଡ଼ା ପଥର ଖନନକୁ କେନ୍ଦ୍ରକରି ଗୁଳି ଫୁଟିବା ସହିତ ବୋମାମାଡ଼ ହୋଇଥିବା ଜଣାପଡ଼ିଛି। ଡେଲାଙ୍ଗ ଥାନା ଅଞ୍ଚଳରେ ଏବେ ଦିନକୁ ଦିନ ଆଇନଶୃଙ୍ଖଳା ପରିସ୍ଥିତି ବିଗିଡ଼ିବାରେ ଲାଗିଛି। କେତେବେଳେ ବୋମାମାଡ଼ ହେଉଛି ତ କେତେବେଳେ ଗୁଳିଚାଳନା ଭଳି ଘଟଣା ଏବେ ଅଞ୍ଚଳରେ କୋକୁଆଭୟ ସୃଷ୍ଟି କରୁଛି। ମିଳିଥିବା ସୂଚନା ମୁତାବକ, ଗୋଡ଼ିପୁଟ ମାଟିଆପଡ଼ା ପଞ୍ଚାୟତ ଅନ୍ତର୍ଗତ ହରିପୁର ପଞ୍ଚାୟତ କଲେଜ ସନ୍ନିକଟ ଗହୀରରେ ଥିବା ଏକ ଫାର୍ମ ହାଉସ୍‌ଠାରେ ବୁଧବାର ବିଳମ୍ବିତ ରାତିରେ କେତେକ ଦୁର୍ବୃତ୍ତ ବୋମାମାଡ଼ କରିବା ସହ ଗୁଳିକାଣ୍ଡ କରି ଫେରାର୍ ହେବା ଘଟଣା ଏବେ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି କରିଛି। ଏହି ବୋମାମାଡ଼ରେ ଦୁଇଜଣ ଆହତ ହୋଇଥିବା ପୁଲିସଠାରୁ ସୂଚନା ମିଳିଛି। ଖବର ପାଇ ଘଟଣାସ୍ଥଳରେ ପିପିଲି ଏସ୍‌ଡିପିଓ ଦେବାଶିଷ ମିଶ୍ର, ଥାନା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ହରିରାଜପୁର ଫାଣ୍ଡି ଅଧିକାରୀ ପ୍ରଭାତ ପଲେଇ ପହଞ୍ଚି ଘଟଣାର ପ୍ରାଥମିକ ତଦନ୍ତ ଆରମ୍ଭ କରିବା ସହ ଘଟଣାସ୍ଥଳରୁ ଦୁଇଟି ଅଫୁଟା ବୋମା, ଖୋକା, କାର୍‌କୁ ଜବତ କରିଛନ୍ତି। ଅଧିକ ତଦନ୍ତ ପାଇଁ ପୁରୀରୁ ସାଇଣ୍ଟିଫିକ୍ ଟିମ୍ ସନ୍ଧାନୀ କୁକୁରକୁ ନିୟୋଜିତ କରାଯାଇଛି। ବିଶେଷ ସୂତ୍ରରୁ ଖବର ଅନୁଯାୟୀ, ବେଆଇନ ଖଣି ଚୋରା ଚାଲାଣ ପାଇଁ ଦୁଇ ଗୋଷ୍ଠୀ ମଧ୍ୟରେ ପାଟିତୁଣ୍ଡ ହୋଇ ଏହା ଉଗ୍ରରୂପ ଧାରଣ କରିବା ସହ ବୋମାମାଡ଼ ଓ ଗୁଳିଫୁଟିବା ଭଳି ଘଟଣା ଘଟିଛି। ଏନେଇ ଡେଲାଙ୍ଗ ଥାନାରେ ପ୍ରବୀର ଜେନା ଓରଫ ଗୁଡୁଙ୍କ ଅଭିଯୋଗକ୍ରମେ ଥାନାରେ ୨୩୬/୨୬ରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଜାରି ରହିଥିବା ପିପିଲି ଏସ୍‌ଡିପିଓ ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି।

**ଦୁଇଟି ଅଫୁଟା ବୋମା ଓ ଖୋକା ଜବତ**

## କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

କଣାସ,୧୪।୫(ସମିସ): କଣାସ ବ୍ଲକ୍ କଣାସ ଗ୍ରାମ ପଞ୍ଚାୟତର କଣାସଠାରେ ପ୍ରତିଷ୍ଠିତ ମହନ୍ତ ବନମାଳୀ ଦାସ ବାଳିକା ଉଚ୍ଚ ବିଦ୍ୟାଳୟର ଚଳିତ ବର୍ଷର ମାଟ୍ରିକ୍ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀମାନଙ୍କୁ ଗୁରୁବାର ବିଦ୍ୟାଳୟ ପରିସରରେ ସମ୍ମାନିତ କରାଯାଇଛି। ସେହି ଉପଲକ୍ଷେ ଆୟୋଜିତ ସଭାରେ ଶିକ୍ଷାବିତ୍ ବିଭୂତିଭୂଷଣ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ପ୍ରତିଷ୍ଠାତା ମହନ୍ତ ପୂର୍ଣ୍ଣଚନ୍ଦ୍ର ଦାସ ମହାରାଜ, ସମ୍ମାନିତ ଅତିଥିଭାବେ ମହନ୍ତ ସନାତନ ଦାସ ମହାରାଜ, ଶିକ୍ଷାବିତ୍ ପରକ୍ଷିତ ବଡ଼ଜେନା, ଶିଶୁ ସାହିତ୍ୟିକ ଡ. ହେମନ୍ତ କୁମାର ଛୋଟରାୟ ଯୋଗଦେଇ ଆଗାମୀ ଦିନରେ କୃତୀ ଛାତ୍ରୀମାନେ ପ୍ରତିଷ୍ଠିତ ହେବା ପାଇଁ ଦିଗ୍‌ଦର୍ଶନ ଦେଇଥିଲେ। ସ୍ୱୟଂଶ୍ରୀ ସୁନ୍ଦରାୟ, କ୍ରିଷ୍ଣା ଦାସ, ବିଷ୍ଣୁପ୍ରିୟା ମାନସିଂହ, ଦୀପ୍ତିମୟୀ ପେଣ୍ଡୋଇ, ଭବାନୀ ବେହେରା, ଦିବ୍ୟାଶ୍ରୀ ପ୍ରିୟଦର୍ଶନୀ ପାଠୀ ଓ ମୀନାକ୍ଷୀ ଭୋଇଙ୍କୁ ଅତିଥିମାନେ ଉପାୟନ ସହ ସମ୍ବର୍ଦ୍ଧିତ କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ରୂପଶ୍ରୀ ଛୋଟରାୟ ସ୍ୱାଗତଭାଷଣ ଦେଇଥିବାବେଳେ ଅର୍ଚ୍ଚନା ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।



## ଗୋଟିଏ ରାତିରେ ୩ ମନ୍ଦିରରୁ ଚୋରି

**ଚୋରଙ୍କ ଟାର୍ଗେଟ ଏବେ ଗ୍ରାମାଞ୍ଚଳରେ ଥିବା ମନ୍ଦିର**
**ପୁଲିସ ଓ ସାଇଣ୍ଟିଫିକ୍ ଟିମ୍‌ର ତନାଘନା**



ବଳଙ୍ଗା,୧୪।୫(ସମିସ): ଗତ କିଛି ମାସ ବଳଙ୍ଗା ଥାନା ଅଞ୍ଚଳରେ ଅପରାଧୀମାନେ ସକ୍ରିୟ ହେବାକୁ ଲାଗିଛନ୍ତି। ଏବେ ଅପରାଧୀମାନଙ୍କ ମୁଖ୍ୟ ଟାର୍ଗେଟ୍ ମଠ, ମନ୍ଦିର। ଗ୍ରାମାଞ୍ଚଳର ବିଭିନ୍ନ ମନ୍ଦିରରୁ ଠାକୁରଙ୍କ ଅଳଙ୍କାର ସହ ଆସବାବପତ୍ର ବାରମ୍ବାର ଚୋରି କଲେଣି। ବୁଧବାର ବିଳମ୍ବିତ ରାତିରେ ଉଚ୍ଛୁପୁର ଗ୍ରାମର ଭଗବତୀ ମନ୍ଦିର, ବ୍ରାହ୍ମଣ ଚାନ୍ଦପୁର ଗ୍ରାମର ବାବା ବାଲୁଙ୍କେଶ୍ୱର ମନ୍ଦିର ଓ ମହୁରା ପଞ୍ଚାୟତର ଆଳିକିଆ ଗ୍ରାମର ଠାକୁରାଣୀଙ୍କ ମନ୍ଦିରରୁ ଚୋରି ହୋଇଥିବା ନେଇ ଗ୍ରାମବାସୀମାନଙ୍କ ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ସୂଚନା ମୁତାବକ, ଉଚ୍ଛୁପୁର ଗ୍ରାମବାସୀ ଓ ବ୍ରାହ୍ମଣ ଚାନ୍ଦପୁର ଏବଂ ଆଳିକିଆ ପ୍ରଭୃତି ସମସ୍ତ ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ବୁଧବାର ବିଳମ୍ବିତ ରାତିରେ ବାଲୁଙ୍କେଶ୍ୱର ମନ୍ଦିର ଓ ଭଗବତୀଙ୍କ ମନ୍ଦିର, ଠାକୁରାଣୀ ମନ୍ଦିର ତିନିଟି ମନ୍ଦିରରୁ କେହି ଦୁର୍ବୃତ୍ତ ଠାକୁରଙ୍କ ପୂଜା ସାମଗ୍ରୀ, ବଡ଼ ଘଣ୍ଟି ଓ ବିଭିନ୍ନ ଆସବାବପତ୍ର ଦୁର୍ବୃତ୍ତମାନେ ଚୋରି କରିନେଇଥିବା ବେଳେ ଗ୍ରାମବାସୀମାନେ ଥାନାରେ ଅଭିଯୋଗ କରିଛନ୍ତି। ଯାହାକି ଗତ କିଛିଦିନ ତଳେ ବିଭିନ୍ନ ମନ୍ଦିରରୁ ଚୋରି ହୋଇଥିଲେ ମଧ୍ୟ ପୁଲିସ କେବଳ ମାମଲା ରୁଜୁ କରି ଦେଉଥିବା ବେଳେ କୌଣସି ଚୋର ଧରା ନ ପଡ଼ିବାରୁ ଦୁର୍ବୃତ୍ତଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇବାରେ ଲାଗିଛି। ବଳଙ୍ଗା ପୁଲିସ ଓ ସାଇଣ୍ଟିଫିକ୍ ଟିମ୍ ଆସି ଚୋରି ହୋଇଥିବା ମନ୍ଦିରଗୁଡ଼ିକ ଅନୁସନ୍ଧାନ କରି ଯାଇଛନ୍ତି। ପୁରୀ ଜିଲ୍ଲା ଏସ୍‌ପି ଏହା ଉପରେ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଖୁବ୍‌ଶୀଘ୍ର ଉଚ୍ଚପଦସ୍ଥ ଅଧିକାରୀ ଗୁରୁତ୍ୱର ସହ ନେଇ ସନ୍ଧ୍ୟା ପାଟ୍ରୋଲିଂ ବିଭିନ୍ନ ସ୍ଥାନରେ କରିବାକୁ ଦାବି ହୋଇଛି।

## ବାଜପୋଇରେ ରାଜ୍ୟସ୍ତରୀୟ ଫଟାଫଟ କ୍ରିକେଟ

ପିପିଲି,୧୪।୫(ସମିସ): ପିପିଲି ବାଜପୋଇ ଛକରେ ରୁଦ୍ର ଇଲେଭେନ ପକ୍ଷରୁ ତୃତୀୟ ରାଜ୍ୟସ୍ତରୀୟ ଫଟାଫଟ କ୍ରିକେଟ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ମାତୃକୃପା ଡେଭଲପର୍ସର ନିର୍ଦ୍ଦେଶକ ପ୍ରଶାନ୍ତ ତ୍ରିପାଠୀ ଯୋଗଦେଇ କ୍ରୀଡ଼ାର ବିକାଶ ପାଇଁ ଏଭଳି କ୍ରିକେଟ ଆୟୋଜନ ଯୁବପିଢ଼ିଙ୍କୁ ଆଗକୁ ଯିବାରେ ସହାୟକ ହେବ। ଅନ୍ୟତମ ଅତିଥି ଭାବରେ ଯୁବ ଆଇନଜୀବୀ ଅନୁପ ପରିଡ଼ା, ଅଭିନେତା ନନ୍‌ସେନ୍ସ ମଣି, କ୍ରିକେଟର ଦୀପକ ଦେବାଶିଷ ମିଶ୍ର ଯୋଗଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ରୁଦ୍ର ଇଲେଭେନ ସହିତ ବଜରଙ୍ଗୀ ଇଲେଭେନ ମଧ୍ୟରେ ହୋଇଥିଲା। ବଜରଙ୍ଗୀ ଇଲେଭେନ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୫ ୱିକେଟ୍ ହରାଇ ୧୧୮ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ବିଭୁତି ସ୍ୱାଇଁ ୩୮ ରନ୍ କରିଥିଲେ। ଜବାବରେ ରୁଦ୍ର ଇଲେଭେନ ନିର୍ଦ୍ଧାରିତ ୮ ଓଭରରେ ୩ ୱିକେଟ୍ ହରାଇ ୧୦୧ ରନ୍ କରିଥିଲା। ରୁଦ୍ର ଇଲେଭେନ ପକ୍ଷରୁ ଦେବଙ୍ଗନ ଦାସ ୬୦ ରନ୍ କରିଥିଲେ ମଧ୍ୟ ଦଳକୁ ଜିତାଇପାରି ନ ଥିଲେ। ବିଭୁତି ସ୍ୱାଇଁଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇ ପୁରସ୍କୃତ କରାଯାଇଥିଲା। ମ୍ୟାଚ୍‌କୁ ଶିବ ପ୍ରସାଦ ସାହୁ, ସୁକାନ୍ତ ପ୍ରଧାନ, ଶିବ ପ୍ରସାଦ ପ୍ରଧାନ, ଭଗବାନ ବିଶୋଇ, ଚନ୍ଦନ ପ୍ରଧାନ, ପିଙ୍କୁ ପ୍ରଧାନ, ପବିତ୍ର ପରିଡ଼ା, ସୁମନ୍ତ ଟଙ୍ଗ, ପବିତ୍ର ମୋହନ ଘଡ଼େଇ ପ୍ରମୁଖ ପରିଚାଳନା କରିଥିଲେ।

## ବ୍ୟବହୃତ ବୁଲେଟ୍ ଓ ସ୍କର୍ପିଓ ଜବତ

**ଯୁବକଙ୍କୁ ଆକ୍ରମଣ ଓ ବୁଲେଟ୍ ଚଢ଼ାଇବା ଘଟଣା**




କଣାସ,୧୪।୫(ସମିସ): କଣାସ ଗୋଲାବଜାର ମାଛ ମାର୍କେଟରେ ଗତ ୨ ତାରିଖ ସକାଳୁ ଦୋକନ୍ଦା ଗ୍ରାମର ମୃତ୍ୟୁଞ୍ଜୟ ଭାରିମଲ୍ଲଙ୍କୁ କେତେକ ଯୁବକ ମାଛକଟା ପନିକିରେ ହାଣିବା ସହ ସେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତଳେ ପଡ଼ିଥିବାବେଳେ ତାଙ୍କ ଉପରେ ତିନି ଜଣ ବସି ବୁଲେଟ୍ ଚଢ଼ାଇଥିଲେ। ଏହା ଘଟଣାରେ ମୁଖ୍ୟ ଅଭିଯୁକ୍ତ ସୁଧାଂଶୁ ମହାପାତ୍ର ଓରଫ ହାପି ଘଟଣାର ୯ ଦିନ ପରେ କୋର୍ଟରେ ଆତ୍ମ ସମର୍ପଣ କରିଥିଲା। ପୁଲିସ ପକ୍ଷରୁ ରିମାଣ୍ଡରରେ ଅଣାଯାଇ ପଚରାଉଚରା କରାଯିବା ସହ ବୁଧବାର ଘଟଣାସ୍ଥଳକୁ ଆଣି ଡେମୋ ଦେଖାଇଥିଲେ। ଏଥିସହ ସେ ଚଢ଼ାଇଥିବା ବୁଲେଟ୍ ମୋଟର ସାଇକଲଟିକୁ ଟାଙ୍ଗୀ ଅଞ୍ଚଳରୁ ପୁଲିସ ଜବତ କରିବା ସହ ଆକ୍ରମଣ ପରେ ସ୍କର୍ପିଓ ଯୋଗେ କାଳୁପଡ଼ା ଅଞ୍ଚଳକୁ ଚାଲିଯାଇଥିଲେ। ପୁଲିସ ଗୁରୁବାର ଉକ୍ତ ସ୍କର୍ପିଓକୁ ମଧ୍ୟ ପୁଲିସ ଜବତ କରିଛି। ନିଜ ଜମିରେ ୬୦ରୁ ଊର୍ଦ୍ଧ୍ୱ ଟ୍ରକ୍ ବାଲି ଜମା ହୋଇଥିବାବେଳେ ଖଣି ଅଧିକାରୀମାନେ ଉକ୍ତ ବାଲିକୁ ଜବତ କରିଛନ୍ତି। ପୁଲିସ ୪୮ ଘଣ୍ଟା ପାଇଁ ରିମାଣ୍ଡରେ ଆଣିଥିବାରୁ ଶୁକ୍ରବାର କୋର୍ଟରେ ପହଞ୍ଚାଇବ।

# ସଭାମଣ୍ଡପର ପୁନଃଉଦ୍ଧାର ଓ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଅଧୀନକୁ ଗଲା

ଚାରିଛକ,୧୪।୫(ସମିସ)



ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍ ଅନ୍ତର୍ଗତ ଚାରିଛକ ନିକଟସ୍ଥ ତୁଳସୀପୁର ପଞ୍ଚାୟତ ଐତିହାସିକ ସଭାମଣ୍ଡପରେ ପ୍ରତ୍ୟେକ ବର୍ଷ ପ୍ରସିଦ୍ଧ ଦୋଳ ପୂର୍ଣ୍ଣିମା ଅବସରରେ ଚାରି ଠାକୁର ମାଧବର ମାଧବାନନ୍ଦଜୀଉ, ଛଣିଜଙ୍ଗର ପ୍ରଭୁ ରାଧାକାନ୍ତ, ଅମରେଶ୍ୱରର ପ୍ରଭୁ ଅମରେଶ୍ୱର ଓ ବନ୍ଦେଶ୍ୱରର ପ୍ରଭୁ ବନ୍ଦେଶ୍ୱର ବଡ଼ ସଭାମଣ୍ଡପ ଉପରେ ବିରାଜମାନ କରି ହଜାର ହଜାର ସଂଖ୍ୟାର ଭକ୍ତମାନଙ୍କୁ ଦର୍ଶନ ଦେଇଥାନ୍ତି। ଏହି ଐତିହାସିକ ସଭାମଣ୍ଡପଟି ଏକାଦଶ ଶତାବ୍ଦୀର ହୋଇଥିବାରୁ ଏହାର ରକ୍ଷଣାବେକ୍ଷଣ ଅଭାବରୁ ଏହି ସ୍ଥାନଟି ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଥିଲା। ଅବହେଳିତ ଅବସ୍ଥାରେ ଥିବା ଏହି ପୀଠର ପୁନଃଉଦ୍ଧାର ନିମନ୍ତେ ବିଭିନ୍ନ ଗଣମାଧ୍ୟରେ ବାରମ୍ବାର ଖବର ପ୍ରକାଶ ପରେ ଓଡ଼ିଶା ରାଜ୍ୟ ପ୍ରତ୍ନତତ୍ତ୍ୱ, ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି ବିଭାଗ ଓଡ଼ିଶା ସରକାର ଏହାର ବିକାଶ କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏହି ସ୍ମାରକଟି ଓଡ଼ିଶା ପ୍ରାଚୀନ ସ୍ମାରକୀ ଅଟେ, ଉକ୍ତ ପୀଠର ପୁନଃଉଦ୍ଧାର ଓ ସଭାମଣ୍ଡପର ରକ୍ଷଣାବେକ୍ଷଣ କରିବାକୁ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଏହାକୁ ହାତକୁ ନେଇଛନ୍ତି।

ସଂରକ୍ଷଣ ଅଞ୍ଚଳ ମଧ୍ୟରେ ଯେ କୌଣସି ନିର୍ମାଣ ବେଆଇନ ଏବଂ ଆଇନର ଧାରା ୧୬ ଅନୁଯାୟୀ ଦଣ୍ଡନୀୟ, ଯାହା ୭ ବର୍ଷ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡ, ୫୦ହଜାର ପର୍ଯ୍ୟନ୍ତ ଜରିମାନା କିମ୍ବା ଉଭୟ ଲାଗୁ କରାଯିବା ପାଇଁ ସୂଚନାଫଳକରେ ଉଲ୍ଲେଖ ରହିଛି। ଏହା ବ୍ୟତୀତ ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ(ଯୋଜନା ଏବଂ ନିର୍ମାଣ ମାନଦଣ୍ଡ) ନିୟମ ୨୦୨୦ ଧାରା ୨୦ ଅନୁଯାୟୀ, ଏହି ସ୍ମାରକୀର ବାହ୍ୟ ସୀମାର ୧୦୦ ମିଟର ମଧ୍ୟରେ କୌଣସି ନିର୍ମାଣ କାର୍ଯ୍ୟ କରାଯିବ ନାହିଁ ଉକ୍ତ ଫଳକରେ ଲିପିବଦ୍ଧ ହୋଇଛି। ରାଜ୍ୟ ସରକାର ଉକ୍ତ ପୀଠର ଉନ୍ନତିକରଣ ଓ ବିକାଶ ପାଇଁ ଉଦ୍ୟମ ଜାରି ରଖିଥିବାରୁ ଚାରିଠାକୁରଙ୍କ ସେବକ ତ୍ରିଲୋଚନ ପୁଷ୍ପାଳକ, ଲୋଚନ ପୁଷ୍ପାଳକ, ମହେନ୍ଦ୍ର ମହାପାତ୍ର, କୃଷ୍ଣଚନ୍ଦ୍ର ମହାପାତ୍ର, ଚକ୍ରଧର ପାଣି, ଗଙ୍ଗାଧର ପାଣି, ଚୈତନ ପାଣି, ପୂର୍ଣ୍ଣଚନ୍ଦ୍ର ପାଣି, ନରେନ୍ଦ୍ର ପୁଷ୍ପାଳକ, ପ୍ରାଚୀ ସଂସ୍କୃତି ସୁରକ୍ଷା ପରିଷଦର ଆବାହକ ପଣ୍ଡିତ ତ୍ରିଲୋଚନ ମିଶ୍ର, ପ୍ରାଚୀ ସାହିତ୍ୟ ସଂସଦର ସଭାପତି ପ୍ରଫେସର ଗୋପୀନାଥ କର, ସମ୍ପାଦକ ଐତିହାସିକ ଡ. ସନ୍ତୋଷ କୁମାର ମିତ୍ର, ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ କାହ୍ନୁ ଚରଣ ବେହେରା, ଭଗବାନ ସାହୁ ଚାରିଟେବୁଲ ଟ୍ରଷ୍ଟର ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ, ଶିକ୍ଷାବିତ୍ ନିରଞ୍ଜନ କର, ଦ୍ୱିଜବର ମୁଦୁଲି, କୈଳାଶ ଚନ୍ଦ୍ର ତ୍ରିପାଠୀ, ତ୍ରିଲୋଚନ କର, ସମାଜସେବୀ ଚନ୍ଦ୍ରକାନ୍ତ ଦଳାଇ, କୃଷ୍ଣଚନ୍ଦ୍ର ରାଉତ, ସନାତନ ପାତ୍ର, ବନବିହାରୀ ଦାଶ, ଲକ୍ଷ୍ମୀଧର ବେହେରା, ସୁବାସ ଚନ୍ଦ୍ର ସାହୁ, ଦିବାକର କର ସ୍ମୃତି ସଂସଦ ଓ ପାଠାଗାର କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ କୁମାର କର, କବିରାଜ କୁଳମଣି ସାହୁ ମେମୋରିଆଲ ଟ୍ରଷ୍ଟର ଅଧ୍ୟକ୍ଷ ଡ. କେଦାରନାଥ ସାହୁଙ୍କ ସମେତ ବିଭିନ୍ନ ସଂଗଠନର କାର୍ଯ୍ୟକର୍ତ୍ତା ଓ ସ୍ଥାନୀୟ ଗ୍ରାମବାସୀ ପ୍ରମୁଖ ରାଜ୍ୟ ସରକାର ଏବଂ ସ୍ଥାନୀୟ ବିଧାୟିକା ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ସାଧୁବାଦ ଜଣାଇଛନ୍ତି।

## ଶିକ୍ଷାନବୀଶ କାର୍ଯ୍ୟକ୍ରମ ସମାପନ ସମାରୋହ

ଚାରିଛକ,୧୪।୫(ସମିସ): ଚାରିଛକସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପରିସରରେ ଜାତୀୟ ଶିକ୍ଷାନୀତି-୨୦୨୦ ଅନୁଯାୟୀ ସ୍ନାତକ ଛାତ୍ରୀମାନଙ୍କର ଗ୍ରୀଷ୍ମକାଳୀନ ଶିକ୍ଷାନବିଶ "ସମୁଦାୟ ସମ୍ପୃକ୍ତି କାର୍ଯ୍ୟକ୍ରମ'ର ସମାପନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ. ଅଶୋକ କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମାରୋହରେ ମୁଖ୍ୟ ଅତିଥି ରୂପେ ଭୁବନେଶ୍ୱରସ୍ଥିତ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଶିକ୍ଷା ବିଭାଗ ମୁଖ୍ୟ ଡ. ସସ୍ମିତା କର ଯୋଗଦେଇ ଏହି କାର୍ଯ୍ୟକ୍ରମ ଛାତ୍ରୀମାନଙ୍କର ଦକ୍ଷତା ବିକାଶରେ ସହାୟକ ହେବ ବୋଲି ଅଭିହିତ କରିଥିଲେ। ମୁଖ୍ୟବକ୍ତା ରୂପେ ଓଡ଼ିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତିର ସହକାରୀ ପ୍ରକଳ୍ପ ନିର୍ଦ୍ଦେଶିକା ସ୍ମୃତି ସାଗରିକା କାନୁନ୍‌ଗୋ, ସମ୍ମାନିତ ଅତିଥି ଭାବେ ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରର ଆଇସିଟିସିର କାଉନ୍‌ସିଲର ସୁରେଶ ଚନ୍ଦ୍ର ଦାଶ ଯୋଗଦେଇଥିଲେ। ମହାବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ତଥା ଶିକ୍ଷାନବିଶ କାର୍ଯ୍ୟକ୍ରମର ସଂଯୋଜିକା ଡ. ଶ୍ରୀଲେଖା ନାୟକ ସ୍ୱାଗତ ଅଭିଭାଷଣ ଦେଇଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରିଣୀ କାନନବାଳା ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂସ୍କୃତ ବିଭାଗ ଅଧ୍ୟାପକ ଜୀବନ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଓଡ଼ିଆ ଭାଷା ସାହିତ୍ୟ ବିଭାଗ ମୁଖ୍ୟ ଡ. ଶର୍ମିଷ୍ଠାରାଣୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରୀଙ୍କ ଦ୍ୱାରା ଏଡ୍‌ସ ସଚେତନତା ସମ୍ବନ୍ଧୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



### ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା; ଏସ୍‌ପିଙ୍କୁ ବିଜେଡିର ଦାବିପତ୍ର

# ପରିସ୍ଥିତି ସୁଧାର; ନଚେତ୍ ଜୋରଦାର୍ ଆନ୍ଦୋଳନ

ନୟାଗଡ଼,୧୪।୫(ସମିସ)



ଜିଲ୍ଲାରେ ଆଇନ ଶୃଙ୍ଖଳା ଦିନକୁ ଦିନ ବିପର୍ଯ୍ୟସ୍ତ ହୋଇପଡ଼ିଲାଣି। କିଛିଦିନ ହେବ ଲଗାତର ଭାବେ ଅପରାଧ ବଢ଼ି ଚାଲିଥିବା ବେଳେ ଜଘନ୍ୟ ହତ୍ୟାକାଣ୍ଡ ଓ ସଂଘବଦ୍ଧ ଅପରାଧରେ ଆଉ ଲଗାମ ରହୁନାହିଁ। ଜିଲ୍ଲାରେ ପୁଲିସର ଖାମଖିଆଲି ନୀତି ପାଇଁ ଆଜି ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ କରିବା ସହ ବିଜେଡି ନେତୃମଣ୍ଡଳୀ ପକ୍ଷରୁ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଏସ. ସୁଶ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହାସହ ଏ ନେଇ ଦଳ ପକ୍ଷରୁ ଏସ୍‌ପିଙ୍କ ସହ ଆଲୋଚନା କରାଯାଇ ତୁରନ୍ତ ଅପରାଧ ଉପରେ ନିୟନ୍ତ୍ରଣ ସହ ଅଭିଯୁକ୍ତଙ୍କୁ ଗିରଫ ଦିଗରେ ପଦକ୍ଷେପ ନେବାକୁ ଦାବି କରାଯାଇଛି।

ବିଜେଡିର ଅଭିଯୋଗ ମୁତାବକ, ନୟାଗଡ଼ ଏକ ଶାନ୍ତ ଜିଲ୍ଲା ଭାବେ ପରିଗଣିତ ହେଉଥିଲା। ମାତ୍ର ବର୍ତ୍ତମାନ ଯେଉଁଭଳି ଭାବେ ଅପରାଧ ବଢ଼ି ଚାଲିଛି, ଏନେଇ ସାଧାରଣ ଲୋକେ ଆତଙ୍କିତ ହୋଇପଡ଼ିଲେଣି। ଓଡ଼ଗାଁରେ ଘଟିଥିବା ଜଘନ୍ୟ ହତ୍ୟାକାଣ୍ଡ ଜିଲ୍ଲାର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳାକୁ ପ୍ରମାଣିତ କରୁଛି। ଓଡ଼ଗାଁରେ ମୃତ ଅଜିତ କୁମାର ସାହୁଙ୍କୁ ଅତ୍ୟନ୍ତ ନୃଶଂସ ଭାବେ ହତ୍ୟା କରି ଦୁଇ ପାପୁଲିକୁ ହତ୍ୟାକାରୀମାନେ କାଟି ଦେଇଥିଲେ। ଚୋରା ଖଣି କାରବାରକୁ ନେଇ ଏହି ଘଟଣା ଘଟିଥିବା ବେଳେ ସଂଗଠିତ ଅପରାଧର ଏହା ଏକ ଜ୍ୱଳନ୍ତ ଉଦାହରଣ ବୋଲି ପ୍ରମାଣ କରିଛି। ଅନ୍ୟପଟେ ଅପରାଧୀମାନେ ସୁଦୃଢ଼ ହୋଇ ନିଜର ନେଟ୍‌ୱର୍କ ବିସ୍ତାର କରି ଚାଲିଛନ୍ତି। ଏହାସହ ରାଜ୍ୟରେ ନିକଟରେ ଘଟିଥିବା କିଛି ଜଘନ୍ୟ ଅପରାଧ ସମ୍ପର୍କରେ ଦଳ ପକ୍ଷରୁ ସୂଚନା ପ୍ରଦାନ କରାଯାଇଥିଲା। ବାଲିଅନ୍ତା ଥାନା ଅଧୀନ ସୌମ୍ୟ ସ୍ୱାଇଁଙ୍କଠାରୁ ଆରମ୍ଭ କରି ଢେଙ୍କାନାଳ ଜିଲ୍ଲା ଭାପୁର ଅଞ୍ଚଳରେ ଦଳିତ ମହିଳାଙ୍କୁ ଦୁଷ୍କର୍ମ ପରେ ପଥରରେ ଛେଚି ହତ୍ୟା, ପୁରୀ ଜିଲ୍ଲା ବଳଙ୍ଗା ଯୁବତୀଙ୍କୁ ହତ୍ୟା ଘଟଣା, ଗଞ୍ଜାମରେ ଗର୍ଭବତୀ ମହିଳାଙ୍କୁ ହତ୍ୟା ଘଟଣା, ବ୍ରହ୍ମଗିରିରେ ୬ ବର୍ଷ ଶିଶୁକନ୍ୟାକୁ ଦୁଷ୍କର୍ମ, କଣାସ ଥାନା ଅଞ୍ଚଳରେ ବାଲି ମାଫିଆଙ୍କ ଦୌରାତ୍ମ୍ୟ ପ୍ରସଙ୍ଗ ଉଠାଇ ସରକାରକୁ ବିଜେଡି ସମାଲୋଚନା କରିଛି। ଅପରାଧକୁ ଦମନ କରିବାକୁ ପୁଲିସ ଆହୁରି ଚଳଚଞ୍ଚଳ ହେବା ଆବଶ୍ୟକ ବୋଲି ନୟାଗଡ଼ ବିଧାୟକ ଡ.ଅରୁଣ କୁମାର ସାହୁ କହିଥିଲେ। ଏହି ଦାବିପତ୍ର ପ୍ରଦାନ ସମୟରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ବିଜେଡି ସଭାପତି ତଥା ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଜିଲ୍ଲା ପରିଷଦ ସଭାପତି ଇଂ ଦେବାଶିଷ ପଟ୍ଟନାୟକ, ପୂର୍ବତନ ବିଧାୟକ ସତ୍ୟନାରାୟଣ ପ୍ରଧାନ, ପୌର ପରିଷଦ ଅଧ୍ୟକ୍ଷା ନିରୂପମା ଖଟେଇ, ଦଶପଲ୍ଲା ଏନଏସି ଅଧ୍ୟକ୍ଷା ପୁନମ ପ୍ରିୟଦର୍ଶିନୀ ଓ ଗଣିଆ ବ୍ଲକ୍ ପଞ୍ଚାୟତ ସମିତି ଅଧ୍ୟାପକ ଝୁନା ଜେନାଙ୍କ ସମେତ ଅନ୍ୟ ବିଜେଡି ନେତାମାନେ ଉପସ୍ଥିତ ଥିଲେ।

### ● ରହସ୍ୟ ଘେରରେ ସଞ୍ଜୟଙ୍କ ମୃତ୍ୟୁ

## ୪ଦିନ ବିତିଲା; ପ୍ରମାଣ ଅଣ୍ଡାଳୁଛି ପୁଲିସ



ଗଣିଆ,୧୪।୫(ସମିସ): ଘଟଣା ଘଟିବାର ବିତିଗଲାଣି ୪ ଦିନ। ତଥାପି ରହସ୍ୟ ଘେରରେ ସଞ୍ଜୟର ମୃତ୍ୟୁ। ହତ୍ୟା ନା ଆତ୍ମହତ୍ୟା ପୁଲିସ ସବୁ ଦିଗରୁ ତଦନ୍ତ କରୁଛି। ସିସିଟିଭି ଫୁଟେଜ ଯାଞ୍ଚ କରିବା ସହିତ ଆଖପାଖରେ ଥିବା ଲୋକଙ୍କୁ ପଚରାଉଚରା କରୁଛି। ମୃତ ସଞ୍ଜୟ ଘଟଣାସ୍ଥଳକୁ କେତେବେଳେ ଆସିଥିଲା, ସାଙ୍ଗରେ ଆଉ କେହି ଆସିଥିଲେ କି, ପେଟ୍ରୋଲ ଟାଙ୍କି ଠାରୁ ଆରମ୍ଭ କରି ପେଟ୍ରୋଲ ବିକ୍ରି ହେଉଥିବା ସ୍ଥାନ ଗୁଡ଼ିକରୁ ସେଦିନ କେହି ବୋତଲରେ ପେଟ୍ରୋଲ ନେଇଥିଲେ କି ଏଭଳି ଅନେକ ପ୍ରଶ୍ନ ଏବେ ପୁଲିସ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି। ଅଧିକ କିଛି ପ୍ରମାଣ ପାଇବା ଆଶାରେ ଗୁରୁବାର ସନ୍ଧ୍ୟାରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ପଡ଼ିଥିବା ସ୍ଥାନକୁ ତନ୍ନ ତନ୍ନ କରି ଯାଞ୍ଚ କରିଛି। ବାଲିସାହି-ଏରୁଣ୍ଡିପଥର ମୁଖ୍ୟ ରାସ୍ତାର ଉଭୟ ପାଖ୍ୱର୍ରେ ପ୍ରାୟ ୨ ଘଣ୍ଟାରୁ ଅଧିକ ସମୟ ଧରି ପୁଲିସ ସୁରାକ୍ ଖୋଜୁଥିବା ଦେଖିବାକୁ ମିଳିଥିଲା। ବିଶେଷକରି ମୃତ ସଞ୍ଜୟର ମୋବାଇଲ ଫୋନ ଆଜି ପର୍ଯ୍ୟନ୍ତ ମିଳି ନଥିବାରୁ ପୁଲିସ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି। ତେବେ ଯଦି ବି ଘଟଣାସ୍ଥଳରୁ କେହି ବି ମୋବାଇଲ ପାଇ ଥାଆନ୍ତି ତେବେ ବିନା ଭୟରେ ଗଣିଆ ଥାନାରେ ଯୋଗାଯୋଗ କରିବାକୁ ଏଏସ୍‌ଆଇ ଶାହା ଆଲାମ ଖାଁ କହିଛନ୍ତି। ଗୁରୁବାର ସନ୍ଧ୍ୟାରେ ଖଣ୍ଡପଡ଼ା ଏସ୍‌ଡିପିଓ ସୁଦୀପ୍ତ କୁମାର ସାହୁ ଗଣିଆ ଥାନାକୁ ଆସି ଘଟଣା ସମ୍ପର୍କରେ ଥାନା ଅଧିକାରୀ ଟଙ୍କଧର ଛତ୍ରିଆଙ୍କ ସହିତ ଆଲୋଚନା କରିଛନ୍ତି। ଏହା ଏକ ସମ୍ବେଦନଶୀଳ ଘଟଣା ହୋଇଥିବାରୁ ପୁଲିସ ଭିତିରିଆ ଭାବରେ ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି।

### ● ଦୋକାନରେ ନିଆଁ ଲାଗିବା ଘଟଣା

## ଚିକିତ୍ସାଧୀନ ଅବସ୍ଥାରେ ସ୍ୱାମୀଙ୍କ ମୃତ୍ୟୁ

ଖଣ୍ଡପଡ଼ା,୧୪।୫(ସମିସ): ଫତେଗଡ ଥାନା ଅନ୍ତର୍ଗତ ରାଣୀଛେଳି ପଞ୍ଚାୟତ କଳପଙ୍ଗୀ ଗ୍ରାମରେ ଗତ ୧ ତାରିଖରେ ତେଜରାଜି ଦୋକାନରେ ନିଆଁ ଲାଗିବା ଘଟଣାରେ ଗୁରୁତର ଥିବା ଗୟାଧର ପରିଡ଼ା (୭୦)ଙ୍କ ଭୁବନେଶ୍ୱର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ଗୁରୁବାର ମୃତ୍ୟୁ ହୋଇଛି। ପୂର୍ବରୁ ତାଙ୍କ ସ୍ତ୍ରୀ ସୁବାସି ପରିଡ଼ା (୬୨)ଙ୍କ ମୃତ୍ୟୁ ଘଟିଥିଲା।

**ପୂର୍ବରୁ ସ୍ତ୍ରୀ ମରିଥିଲେ**

ସୂଚନା ଅନୁଯାୟୀ, ଗୟାଧର ଗାଁରେ ଏକ ତେଜରାଜି ଦୋକାନ କରିଥିବାବେଳେ ଏପ୍ରିଲ ୩୦ରେ କାଳବୈଶାଖୀ ଯୋଗୁଁ ଦୀର୍ଘ ସମୟ ଧରି ବିଦ୍ୟୁତ ସରବରାହ ବନ୍ଦ ରହିଥିଲା। ମେ' ୧ ସନ୍ଧ୍ୟାରେ ଦୋକାନରେ ଲଣ୍ଠନ ଲଗାଇ ସଉଦା ବିକ୍ରି କରୁଥିଲା ବେଳେ ପାଖରେ ଥିବା ପେଟ୍ରୋଲ୍ ନିଆଁ ଧରି ପକାଇଥିଲା। ଫଳରେ ସେଠାରେ ଥିବା ସ୍ତ୍ରୀ ସୁବାସି ଓ ଗୟାଧର ପୋଡ଼ି ହୋଇ ଗୁରୁତର ହୋଇଥିଲେ। ଭୁବନେଶ୍ୱର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ସୁବାସିଙ୍କ ଘଟଣା ଦିନ ରାତିରେ ମୃତ୍ୟୁ ହୋଇଥିବା ବେଳେ ୧୨ ଦିନ ପରେ ଆଜି ସକାଳୁ ଗୟାଧରଙ୍କ ମୃତ୍ୟୁ ହୋଇଛି। ଶବ ବ୍ୟବଚ୍ଛେଦ ପରେ ଗାଁକୁ ଅଣାଯାଇ ଗ୍ରାମ ଶ୍ମଶାନରେ ଶବଦାହ କରାଯାଇଥିବା ବେଳେ ବଡ଼ ପୁଅ ପ୍ରତାପ ମୁଖାଗ୍ନି ଦେଇଥିବା ପରିବାର ସୂତ୍ରରୁ ପ୍ରକାଶ।

## ମିଛ ଆରେଷ୍ଟକୁ ନେଇ ବଦ୍‌ନାମ ନୟାଗଡ଼ ପୁଲିସ

ନୟାଗଡ଼/ଓଡ଼ଗାଁ,୧୪।୫(ସମିସ): ଓଡ଼ଗାଁ ଥାନା କଦଳୀବନ୍ଧରେ ଗତ ରବିବାର ବିଳମ୍ବିତ ରାତିର ଅଜିତ୍ ସାହୁ ହତ୍ୟା ଘଟଣାରେ ଗିରଫ ଅଭିଯୁକ୍ତମାନଙ୍କୁ ନେଇ ପୁଲିସର କାର୍ଯ୍ୟଶୈଳୀ ଉପରେ ପ୍ରଶ୍ନ ଉଠିଛି। ଅଜିତ ହତ୍ୟାକାଣ୍ଡ ଘଟଣାରେ ପ୍ରକୃତ ଅଭିଯୁକ୍ତ ଫେରାର ଥିବାବେଳେ ଜଣେ ନିର୍ଦ୍ଦୋଷ ବ୍ୟକ୍ତିଙ୍କୁ ଅଭିଯୁକ୍ତ ଭାବେ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥାପନ କରି ପୁଲିସ ଅଡୁଆରେ ପଡ଼ିଛି। ଘଟଣାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ "ଭୁଲ କାହାର, ଦଣ୍ଡ ପାଇଲା କିଏ" ବୋଲି ଚର୍ଚ୍ଚା ଜୋର ଧରିଛି।

ସୂଚନା ଅନୁସାରେ, ଅଜିତ ହତ୍ୟାକାଣ୍ଡରେ ଅଭିଯୁକ୍ତ ଥିବା କୁଲୁ ଭଟ ଫେରାର ରହିଥିବା ବେଳେ ତାଙ୍କ ମାମୁ ଶ୍ରୀଧର ସାହୁଙ୍କୁ ପୁଲିସ ଧରି ଆଣିଥିଲା। ପରେ ଅନ୍ୟ ଅଭିଯୁକ୍ତଙ୍କ ସହିତ ତାଙ୍କୁ ମିଶାଇ ମୋଟ ୪ ଜଣଙ୍କୁ ଗିରଫ ଦର୍ଶାଇ ସାମ୍ବାଦିକ ସମ୍ମିଳନୀରେ ଠିଆ କରାଯାଇଥିଲା। ତେବେ ସାମ୍ବାଦିକ ସମ୍ମିଳନୀ ସମୟରେ ସମ୍ପୃକ୍ତ ବ୍ୟକ୍ତି ନିଜେ ପ୍ରତିବାଦ କରିଥିଲେ। ପରେ ପୁଲିସ ତ୍ରୁଟି ହୋଇଥିବା ବୁଝିପାରି ରାତିରେ ତାଙ୍କୁ ଛାଡ଼ି ଦେଇଥିଲା।

ଏନେଇ ନୟାଗଡ଼ ଏସ୍‌ପି ସଫେଇ ଦେଇ କହିଛନ୍ତି ଯେ, ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରାଯାଇନଥିଲା। କେବଳ ଅଟକ ରଖାଯାଇଥିଲା। କିନ୍ତୁ ଜଣେ ନିର୍ଦ୍ଦୋଷ ବ୍ୟକ୍ତିଙ୍କ ମୁହଁ ଘୋଡ଼ାଇ ତାଙ୍କୁ କିପରି ଅଭିଯୁକ୍ତ ଭାବେ ପ୍ରେସମିଟ୍‌ରେ ଉପସ୍ଥାପନ କରାଗଲା, ତାହାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି। ଅନ୍ୟପକ୍ଷରେ ପୁଲିସ ପରେ ଡ୍ରାଇଭର ନରେଶ ବିଶୋଇଙ୍କୁ ଗିରଫ କରି ୪ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଏହି ଘଟଣାରେ ମୋଟ ୪ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ସେମାନେ ହେଲେ ଖଣି ମାଫିଆ ପୂର୍ଣ୍ଣଚନ୍ଦ୍ର ନାୟକ, ମହନ୍ତ ନାୟକ, ମାନସ ବେହେରା ଓ ଡ୍ରାଇଭର ନରେଶ ବିଶୋଇ। ସମସ୍ତଙ୍କୁ କୋର୍ଟ ଚାଲାଣ ପରେ ଜେଲକୁ ପଠାଯାଇଛି। ଅନ୍ୟପଟେ ମୁଖ୍ୟ ଅଭିଯୁକ୍ତ ଜଗନ୍ନାଥ ପଣ୍ଡା ସମେତ ଆଉ ୩ ଜଣ ଏବେ ମଧ୍ୟ ଫେରାର ଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି।

### ଓଡ଼ଗାଁ ବସ୍‌ଷ୍ଟାଣ୍ଡ ପାଚେରି ନିର୍ମାଣ ବିବାଦ

# ଭଙ୍ଗାହେଲା ଦୁଇ ମହଲା କୋଠା

ଓଡ଼ଗାଁ,୧୪।୫(ସମିସ): ଓଡ଼ଗାଁ ଏନ୍‌ଏସି ଅନ୍ତର୍ଗତ ସରକାରୀ ବସଷ୍ଟାଣ୍ଡର ପୂର୍ବ ପାଖ୍ୱର୍ରେ ସୁରକ୍ଷା ପାଚେରି ନିର୍ମାଣକୁ ନେଇ ସୃଷ୍ଟି ହୋଇଥିବା ବିବାଦର ଅବସାନ ଘଟାଇବାକୁ ପ୍ରଶାସନ ପକ୍ଷରୁ ବେଆଇନ ଭାବେ ନିର୍ମିତ ଦୁଇମହଲା କୋଠାକୁ ଭଙ୍ଗାଯାଇଛି। ମଠଖଜୁରିଆ ରାସ୍ତା ସଂକୁଚିତ ହେଉଥିବା ଦାବି କରି ଗ୍ରାମବାସୀମାନେ ପାଚେରି ନିର୍ମାଣକୁ ବିରୋଧ କରୁଥିବା ବେଳେ, ରାସ୍ତା ଉପରେ ମାଡ଼ି ରହିଥିବା ଏହି ନିର୍ମାଣକୁ ଚିହ୍ନଟ କରି ପ୍ରଶାସନ ଗୁରୁବାର ସକାଳେ ଡବଲ୍ ବୁଲଡୋଜର ଲଗାଇ ଭାଙ୍ଗି ଦେଇଥିଲା। ପ୍ରଶାସନ ସୂଚନା ଅନୁସାରେ, ଓଡ଼ଗାଁ ବସଷ୍ଟାଣ୍ଡ ପ୍ରାଚିର ନିର୍ମାଣ ସମୟରେ ମଠଖଜୁରିଆକୁ ଯାଇଥିବା ପୁରୁଣା ରାସ୍ତା ବସଷ୍ଟାଣ୍ଡ ମଧ୍ୟରେ ବିଲୀନ ହୋଇଯାଇଥିଲା। ଫଳରେ ପୂର୍ବ ପାଖ୍ୱର୍ରେ ନୂତନ ରାସ୍ତା ନିର୍ମାଣ ପାଇଁ ସ୍ଥାନ ସଙ୍କୁଚିତ ହୋଇଥିଲା। ଏହା ପରେ ଓଡ଼ଗାଁ ତହସିଲ ପ୍ରଶାସନ ସମ୍ପୂର୍ଣ୍ଣ



ଅଞ୍ଚଳର ମାପଚୁପ କରିଥିଲା। ଗତ ୮ ତାରିଖରେ ବିବାଦୀୟ ସ୍ଥାନର ମାପଚୁପ ପରେ ରୁକୁଣା ମଣ୍ଡଳଙ୍କ ଘରର ଅର୍ଦ୍ଧାଧିକ ଭାଗ ସରକାରୀ ଜମି ଉପରେ ଥିବା ଜଣାପଡ଼ିଥିଲା। ଏହାପରେ ପ୍ରଶାସନ ପକ୍ଷରୁ ନୋଟିସ ଜାରି କରାଯାଇ ଗୁରୁବାର ଦିନ ବୁଲଡୋଜର ମାଧ୍ୟମରେ ଘରଟିକୁ ଭଙ୍ଗାଯାଇଥିଲା। ଓଡ଼ଗାଁ ତହସିଲଦାର ଡ଼. ମାନସ ରଞ୍ଜନ ଭୋଇ, ଅତିରିକ୍ତ ତହସିଲଦାର ଜି. ଶ୍ରୀନୁ ଓ ପବିତ୍ର ମୋହନ ସେଠୀ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ନିହାର ରଞ୍ଜନ ବେହେରା, ରାଜସ୍ୱ ସୁପରଭାଇଜର ସୁବାସ ଚନ୍ଦ୍ର ମିଶ୍ରଙ୍କ ସହ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

ଅନ୍ୟପଟେ, ସ୍ୱର୍ଗତ ପ୍ରଫୁଲ୍ଲ ମଣ୍ଡଳଙ୍କ ସ୍ତ୍ରୀ ରୁକୁଣା ମଣ୍ଡଳ ଅଭିଯୋଗ କରି କହିଛନ୍ତି ଯେ, ଗୃହ ନିର୍ମାଣ ସମୟରେ ଅମିନଙ୍କ ଦ୍ୱାରା ଦିଆଯାଇଥିବା ଚିହ୍ନଟ ଅନୁଯାୟୀ ଘର ତିଆରି କରାଯାଇଥିଲା। ହେଲେ ଆମର ପ୍ରକୃତ ଘରଡ଼ିହ ଚିହ୍ନଟ ନକରି ପ୍ରଶାସନ ଘର ଭାଙ୍ଗିଦେଇଛି।

# ବାଲିଘାଟରେ ଜିଲ୍ଲାପାଳ ଓ ଏସ୍‌ପିଙ୍କ ରାତି ଅଧିଆ ଚଢ଼ଉ

### ୪ ହାଇୱା, ୨ ଟ୍ରାକ୍ଟର ଓ ୫ଟି ପ୍ରୋକ୍ଲିନ୍ ଜବତ

ଖଣ୍ଡପଡ଼ା/ଭାପୁର,୧୪।୫(ସମିସ): ଦୀର୍ଘଦିନର ନୀରବତା ପରେ ହଠାତ ଚେଇଁ ଉଠିଛି ଜିଲ୍ଲା ପ୍ରଶାସନ। ବେଆଇନ ବାଲି ଚାଲାଣକାରୀଙ୍କୁ ଧରିବାକୁ ରାତି ଅଧିଆ ଚଢ଼ଉ କରି ୪ଟି ହାଇୱା, ୨ଟି ଟ୍ରାକ୍ଟର ଓ ୫ଟି ପ୍ରୋକ୍ଲିନ୍ ଜବତ କରିଛି।

ସୂଚନା ଅନୁଯାୟୀ, ବୁଧବାର ବିଳମ୍ବିତ ରାତିରେ ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥ ଓ ଏସ୍‌ପି ଏସ୍ ସୁଶ୍ରୀଙ୍କ ଅଧ୍ୟକ୍ଷତାରେ ଏକ ଟିମ ଭାପୁର ବ୍ଲକର ଦୁଇଟି ବେଆଇନ ଘାଟ ଉପରେ ଅତର୍କିତ ଚଢ଼ଉ କରିଥିଲେ। ବିନା ଲିଜ



କିମ୍ବା ଅନୁମତି ନଥାଇ ମାସ ମାସ ଧରି ଉକ୍ତ ଦୁଇଟି ଘାଟ ଚାଲୁଥିବା ଯୋଗୁ ସରକାରଙ୍କ ବ୍ୟାପକ ରାଜସ୍ୱ ହାନୀ ହେଉଥିବା ଅଭିଯୋଗ ହୋଇଆସୁଥିଲା। ଦୁଇ ବରିଷ୍ଠ ଅଧିକାରୀଙ୍କ ଚଢ଼ଉବେଳେ କିଛି ମାଫିଆ ଚମ୍ପଟ ମାରିଥିବା ବେଳେ ପ୍ରାୟ ୧୪ ଜଣକୁ ଫତେଗଡ ପୁଲିସ ସହାୟତାରେ ଅଟକ ରଖାଯାଇ ତଦନ୍ତ କରାଯାଉଛି। ସେହିପରି ବେଆଇନ ଭାବେ ବାଲି ଚୋରା ଚାଲାଣ କରୁଥିବା ଏକାଧିକ ଗାଡି ମଧ୍ୟ ଧରା ପଡିଥିଲେ। ଯାଞ୍ଚ ଖବର ପାଇ ପଛକୁ ପଛ ଆସୁଥିବା ହାଇୱା ବାଟ ଭାଙ୍ଗି ପଳାଇଥିବାବେଳେ ବେଳେ ଅନ୍ୟ ଉପାୟ ନ ପାଇ ବାଲି ଢାଳି ଚମ୍ପଟ ମାରିଥିବା ଭଳି ରୋଚକ ଦୃଶ୍ୟ ଦେଖିବାକୁ ମିଳିଥିଲା। ଭାପୁର ବ୍ଲକ ଅଞ୍ଚଳ ଦେଇ ମହାନଦୀ ବହିଯାଇଥିବା ବେଳେ ଏହାର ବିସ୍ତୀର୍ଣ୍ଣ ବାଲୁକାରାଶି ଉପରେ ଏକାଧିକ ବେଆଇନ ଘାଟ ଖୋଲିଛି। ଗତ ଦେଢବର୍ଷରେ ମହାନଦୀ କୂଳରେ ଥିବା ଏହି ଘାଟ ଗୁଡିକରୁ ନିୟମିତ ବାଲି ଲୁଟ ଚାଲିଥିବା ବେଳେ ଜିଲ୍ଲା ଖଣି ବିଭାଗ କିନ୍ତୁ ନୀରବ। ବାରମ୍ବାର ଅଭିଯୋଗ ପରେ ବେଆଇନ ବାଲି ଚାଲାଣ ଉପରେ ରୋକ ଲାଗୁନଥିବା ବେଳେ ଅଘୋଷିତ ଲୁଟକୁ ଖଣି ବିଭାଗ ମଞ୍ଜୁରୀ ମିଳିଥିବା ଚର୍ଚ୍ଚା ହେଉଛି।

ଅନ୍ୟପକ୍ଷରେ ୪୭ ନଂ ରାଜ୍ୟ ରାଜପଥ ରାସ୍ତାରେ ଭାରିଯାନ ଚଳାଚଳ ଉପରେ ରୋକ ଲଗାଇବାକୁ ବାରମ୍ବାର ଦାବି ହୋଇଆସୁଥିବା ବେଳେ କର୍ଣ୍ଣପାତ କରୁନଥିବା ପୁଲିସ ବିଭାଗ ହଠାତ ସକ୍ରିୟତା ଦେଖାଇବା ମଧ୍ୟ ସାଧାରଣରେ ନାନା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗତକାଲି ଜବତ ହୋଇଥିବା ଗାଡିଗୁଡିକ ଫତେଗଡ ଥାନା ପରିସରରେ ରଖାଯାଇଥିବା ଏବଂ ଅଟକ ବ୍ୟକ୍ତିଙ୍କୁ ନେଇ ଅଧିକ ତଦନ୍ତ କରାଯାଉଥିବା ପ୍ରଶାସନ ସୂତ୍ରରୁ ସୂଚନା ମିଳିଛି। ଖୋଦ ଜିଲ୍ଲାପାଳ ଓ ଏସ୍‌ପି ବାଲି ଘାଟରେ ଚଢ଼ଉ କରୁଥିବା ବେଳେ ଏ ଘଟଣା ପରେ ସ୍ଥାନୀୟ ପୁଲିସ ପ୍ରଶାସନ ଏବଂ ଜିଲ୍ଲା ଖଣି ବିଭାଗ କିପରି ଅଗୋଚର ଅଛନ୍ତି ସେନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ୧୬ ଦିନ ହେଲା ଶୋଇଛି ବିଦ୍ୟୁତ୍ ଖୁଣ୍ଟ

### ● ସାହାରା ପାଲଟିଛି ବାଉଁଶ, ବିଭାଗର ଦେଖାନାହିଁ

ନୂଆଗାଁ,୧୪।୫(ସମିସ): ନୂଆଗାଁ ବ୍ଲକ ମହିପୁର ଗ୍ରାମପଞ୍ଚାୟତର ନନ୍ଦିଘୋଷପୁର ଗ୍ରାମରେ ଗତ ୧୬ ଦିନ ଧରି ଗୋଟିଏ ବିଦ୍ୟୁତ୍ ଖୁଣ୍ଟି ଭାଙ୍ଗି ଅଧା ଶୋଇଥିବାବେଳେ ଗ୍ରାମବାସୀ ବାଉଁଶ ଖୁଣ୍ଟି ଭାରା ଦେଇ ରଖିଛନ୍ତି। ଏପର୍ଯ୍ୟନ୍ତ ବିଦ୍ୟୁତ ବିଭାଗ ପକ୍ଷରୁ କୌଣସି ସ୍ଥାୟୀ ବ୍ୟବସ୍ଥା ଗ୍ରହଣ କରାଯାଇନାହିଁ। ଗ୍ରାମବାସୀଙ୍କ କହିବା ଅନୁସାରେ, ବାରମ୍ବାର ବିଦ୍ୟୁତ ବିଭାଗକୁ ଜଣାଇଥିଲେ ମଧ୍ୟ କୌଣସି କର୍ମଚାରୀ ଘଟଣାସ୍ଥଳକୁ ଆସିନାହାନ୍ତି। ଯେକୋ÷ଣସି ସମୟରେ ଖୁଣ୍ଟ ଭାଙ୍ଗି ଅଘଟଣ ଆଶଙ୍କା ଥିବାରୁ ଗ୍ରାମବାସୀ ଭୟଭୀତ ଅଛନ୍ତି। ତୁରନ୍ତ ନୂତନ ବିଦ୍ୟୁତ୍ ଖୁଣ୍ଟ ସ୍ଥାପନ ପାଇଁ ପ୍ରଶାସନ ଓ ବିଦ୍ୟୁତ୍ ବିଭାଗକୁ ନିବେଦନ କରିଛନ୍ତି ଗ୍ରାମବାସୀ।



## ଏସିରୁ ବାହାରିଲା ୨ ଲିଟର ମହୁ

ନୂଆଗାଁ,୧୪।୫(ସମିସ): ନୂଆଗାଁ ବ୍ଲକ ପରିସରରେ ଥିବା ଆସିଷ୍ଟାଣ୍ଟ ଇଞ୍ଜିନିୟରଙ୍କ ଅଫିସ ଭିତରେ ଲାଗିଥିବା ଏସି ଭିତରୁ ବାହାରିଲା ୨ ଲିଟର ମହୁ। ବ୍ଲକ ଅଧିନରେ ଥିବା ୨୨ଟି ପଞ୍ଚାୟତ ଓ ୧୮ ଟି ସୋସାଇଟ ସହିତ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଗୁଡ଼ିକରେ ସମସ୍ତ ପ୍ରକାର ସୁବିଧା ସୁଯୋଗ ସହିତ ଶୀତତାପ ନିୟନ୍ତ୍ରଣ ବ୍ୟବସ୍ଥା ରହିଛି। ମାତ୍ର ନୂଆଗାଁ ବ୍ଲକ ଯନ୍ତ୍ରୀ ଓ ଆସିଷ୍ଟାଣ୍ଟ ଇଞ୍ଜିନିୟରଙ୍କ ଅଫିସରେ ଏସି ଭାଙ୍ଗି ପଡ଼ିଥିବା ବେଳେ ଆସିଷ୍ଟାଣ୍ଟ ଇଞ୍ଜିନିୟରଙ୍କ ଅଫିସରେ ଲାଗିଥିବା ଏସି ଭିତରୁ ବାହାରିଲା ମହୁ। ଫଳରେ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ବସି କାର୍ଯ୍ୟ କରିବା କଷ୍ଟକର ହୋଇ ପଡୁଥିବା ଆଲୋଚନା ହେଉଛି। ସାଧାରଣରେ ଚର୍ଚ୍ଚା ଯେଉଁଠି କୋଟି କୋଟି ଟଙ୍କାର କାର୍ଯ୍ୟାଦେଶ ପ୍ରଦାନ କରାଯାଉଥିବା କାର୍ଯ୍ୟାଳୟ ଅବସ୍ଥା ଶୋଚନୀୟ ସାଧାରଣ ଲୋକଙ୍କ ସୁବିଧା ପଚାରେ କିଏ। ଏନେଇ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି।



## ଶିଆଳିଖୋଲ ଖାତରେ ବୁଡ଼ି ଯୁବକ ମୃତ

ନୟାଗଡ଼,୧୪।୫(ସମିସ): ସାଙ୍ଗସାଥୀ ହୋଇ ଭୋଜି କରିବାକୁ ଯାଇ ନିକଟରେ ଥିବା ଏକ ଖାତରେ ବୁଡିଯାଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଇଟାମାଟି ଗ୍ରାମର ପ୍ରତ୍ୟୁଷ ହାତୀ। ସେ ଆଜି ତାଙ୍କର ୬ଜଣ ସାଙ୍ଗଙ୍କ ସହ ଶିଆଳିଖୋଲ ନିକଟକୁ ଭୋଜି କରିବାକୁ ଯାଇଥିଲେ। ଅପରାହ୍ନରେ ନିକଟରେ ଥିବା ମାଟି ଖୋଳା ଯାଇଥିବା ଏକ ଖାତକୁ ୨ ଜଣ ସାଙ୍ଗ ଗାଧୋଇବାକୁ ଯାଇ ବୁଡ଼ି ଯାଇଥିଲେ। ଜଣଙ୍କୁ ଅନ୍ୟ ସାଙ୍ଗମାନେ ଉଦ୍ଧାର କରିଥିବା ବେଳେ ପ୍ରତ୍ୟୁଷ ବୁଡ଼ି ଯାଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ପ୍ରତ୍ୟୁଷଙ୍କୁ ଉଦ୍ଧାର କରି ନୟାଗଡ ମେଡିକାଲକୁ ଆଣିଥିଲେ। ସେଠାରେ ଡାକ୍ତର ପ୍ରତ୍ୟୁଷଙ୍କୁ ମୃତ ଘୋଷଣା କରିଥିଲେ। ପ୍ରତ୍ୟୁଷ ବୁଡିଯିବା ପରେ ଅନ୍ୟ ସାଙ୍ଗମାନେ ଘଟଣାସ୍ଥଳରୁ ପଳାଇଯିବା ସନ୍ଦେହ ସୃଷ୍ଟି କରିଛି। ସଦରଥାନା ପୁଲିସ ଘଟଣାର ତଦନ୍ତ କରୁଛି।

## ମହୁମାଛି ଆକ୍ରମଣରେ ସାମ୍ବାଦିକ ଗୁରୁତର

ଭାପୁର,୧୪।୫(ସମିସ): ଭାପୁର ବ୍ଲକର ବରିଷ୍ଠ ସାମ୍ବାଦିକ ସନାତନ ଷଡ଼ଙ୍ଗୀ ମହୁମାଛି ଆକ୍ରମଣରେ ଗୁରୁତର ହୋଇଛନ୍ତି। ସେ ଗୁରୁବାର ସକାଳୁ ଜାମୁସାହି ବଜାରକୁ କୌଣସି କାର୍ଯ୍ୟରେ ଯାଇଥିଲେ। ସେଠାରେ ଠିଆ ହୋଇଥିବାବେଳେ ଶତାଧିକ ମହୁମାଛି ତାଙ୍କୁ ଆକ୍ରମଣ କରିଥିଲେ। ସେ ଦୋ÷ଡ଼ି ପଳାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ତାଙ୍କୁ ଗୋଡ଼ାଇ ଗୋଡ଼ାଇ ମହୁମାଛି ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଭାପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତାଙ୍କ ଦେହରୁ ୫୦ରୁ ଊର୍ଦ୍ଧ୍ୱ ମହୁମାଛିଙ୍କ ଶୁଣ୍ଢ ବାହାର କରାଯାଇଥିଲା।

## ରଙ୍ଗଣୀପାଟଣାରେ ଆମ ବ୍ୟାଙ୍କ ଉଦ୍‌ଘାଟିତ



ଓଡ଼ଗାଁ,୧୪।୫(ସମିସ): ଓଡ଼ଗାଁ ବ୍ଲକ ରଙ୍ଗଣୀପାଟଣା ପଞ୍ଚାୟତରେ ଆମବ୍ୟାଙ୍କ ଉଦ୍‌ଘାଟିତ ହୋଇଯାଇଛି। ତହସିଲଦାର ଡ. ମାନସ ରଞ୍ଜନ ଭୋଇ, ବିଡିଓ ପ୍ରୀତିବାଳା ରଣା, ଷ୍ଟେଟବ୍ୟାଙ୍କ ଶାଖା ପରିଚାଳକ ଲକ୍ଷ୍ମୀଧର ସୁବୁଦ୍ଧି ଏବଂ ରଙ୍ଗଣୀପାଟଣା ସରପଞ୍ଚ ସସ୍ମିତା ପାତ୍ର ଆମ ବ୍ୟାଙ୍କ କିଓସ୍କୋ ଶାଖାର ଉଦ୍‌ଘାଟନ କରିଥିଲେ। ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ୫୦ରୁ ଊର୍ଦ୍ଧ୍ୱ ମହିଳା କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବେଳେ ଗ୍ରାହକମାନେ ନିଜ ଘର ପାଖରେ ଷ୍ଟେଟବ୍ୟାଙ୍କ ଜରିଆରେ ଅର୍ଥର ଦେଣନେଣ କରିପାରିବେ ଏବଂ ବରିଷ୍ଠ ନାଗରିକ, ବିଭିନ୍ନ ବର୍ଗର ଭତ୍ତାଧାରି ଓଡ଼ଗାଁ ନ ଯାଇ ନିଜ ଗାଁ କିଓସ୍କୋରୁ ଅର୍ଥ ଜମା ଓ ଉଠାଣ କରିପାରିବେ ବୋଲି ଅତିଥିମାନେ କହିଥିଲେ।

### ବିଜେଡିରୁ ବ୍ଲକ ଅଧ୍ୟକ୍ଷଙ୍କ ଇସ୍ତଫା ପ୍ରସଙ୍ଗ

# ବିଜେପିର ମିଶ୍ରଣ ପର୍ବ ବାତିଲ ନେଇ ଭିନ୍ନ ଚର୍ଚ୍ଚା

ନୟାଗଡ଼,୧୪।୫(ସମିସ)

ନୟାଗଡ଼ ସଦରବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ ବିଜୁ ଜନତା ଦଳରୁ ଇସ୍ତଫା ଦେବା ପରେ ୧୫ ତାରିଖ ବିଜେପିରେ ମିଶିବା ପାଇଁ ପ୍ରସ୍ତୁତି ସରିଥିଲା। ଏଥିପାଇଁ ୫୦ ବୋଲେରୋ, ଏସି ବସ୍ ବ୍ୟବସ୍ଥା କରାଯାଇଥିଲା। କିନ୍ତୁ ଆଜି ହଠାତ୍ କାର୍ଯ୍ୟକ୍ରମ ବାତିଲ ହୋଇଥିବା ସୂଚନା ମିଳିଛି। ଅଧ୍ୟକ୍ଷ ଅନେକ ସରପଞ୍ଚ, ସମିତି ସଭ୍ୟଙ୍କ ସହ ବିଜେଡି ନେତା ଓ କର୍ମୀଙ୍କୁ ଧରି ବିଜେପିରେ ମିଶିବାକୁ ଯୋଜନା ଚଳାଇଥିଲେ। ଏହି ଯୋଜନାକୁ କୁଆଡ଼େ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଫସର ଫଟାଇ ଦେଇଥିବା ଆଲୋଚନା ହେଉଛି। ଅଧ୍ୟକ୍ଷଙ୍କୁ ପଦରୁ ହଟାଇବା ପାଇଁ ନୟାଗଡ଼ ବ୍ଲକର ଅନେକ ସରପଞ୍ଚ ଓ ସମିତିସଭ୍ୟ ଅନାସ୍ଥା ଆଣିବାକୁ ପ୍ରସ୍ତୁତି ହେବା, କୌଣସି ପରିସ୍ଥିତିରେ କିଶୋରଙ୍କୁ ସମର୍ଥନ ନଦେବାକୁ ନିଷ୍ପତ୍ତି ନେବା ଅଡୁଆ ସୃଷ୍ଟି କରିଛି।

ନୟାଗଡ଼ ବ୍ଲକ ଭାଟସାହି ପଞ୍ଚାୟତରୁ ୨୦୨୨ରେ ପ୍ରଥମେ ସରପଞ୍ଚ ଭାବେ ବିଜୁ ଜନତା ଦଳ ସମର୍ଥନରେ କିଶୋର ଚନ୍ଦ୍ର ସାହୁ ବିଜୟୀ ହୋଇଥିଲେ। ୨୦୨୨ରେ ଚଣ୍ଡିବସ୍ତ ପଞ୍ଚାୟତରୁ ସମିତିସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ। ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରହଲ୍ଲାଦ ବରାଡ଼ଙ୍କୁ ଉଭୟ ନିର୍ବାଚନରେ ସେ ମାତ୍ ଦେଇଥିଲେ। ତାଙ୍କୁ ବିଜୁ ଜନତା ଦଳର ସମସ୍ତ ସମିତିସଭ୍ୟ ସମର୍ଥନ ଦେଇଥିବାରୁ ସେ ନିର୍ଦ୍ୱନ୍ଦ୍ୱରେ ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିଲେ। ଏବେ ସେ ବିଜେଡିରୁ ଇସ୍ତଫା ଦେଇ ବିଜେପିରେ ମିଶି ନିଜସ୍ୱ ସ୍ୱାର୍ଥ ସାଧନ ପାଇଁ କରିଥିବା ଯୋଜନା ଫସର ଫାଟୁଛି। ତାଙ୍କ ଇସ୍ତଫାକୁ ସହଜରେ ଗ୍ରହଣ କରି ପାରିନାହାନ୍ତି

**ମିଳିଲାନି ସମର୍ଥନ, ହେଲେନି ଲୋକ**

ନୟାଗଡ଼ ବ୍ଲକର ବିଭିନ୍ନ ପଞ୍ଚାୟତ ସରପଞ୍ଚ ଓ ସମିତିସଭ୍ୟ। ଅଧ୍ୟକ୍ଷଙ୍କ ବିରୁଦ୍ଧରେ ସରପଞ୍ଚ ଓ ସମିତିସଭ୍ୟଙ୍କ ଘନ ଘନ ବୈଠକ ଓ କ୍ୟାମ୍ପେନିଂ ଆରମ୍ଭ ହୋଇଛି। ନୟାଗଡ଼ ବିଧାୟକ ମଧ୍ୟ ଦଳୀୟ ନେତା ଓ କର୍ମୀଙ୍କ ଘର ଘର ବୁଲୁଥିବା ସୂଚନା ମିଳିଛି। ଏଣୁ ମିଶ୍ରଣ ନେଇ ପରିସ୍ଥିତି ଓ ନେତା, କର୍ମୀ ସାଥ୍ ଦେଉ ନଥିବାରୁ ଅଧ୍ୟକ୍ଷଙ୍କ ମିଶ୍ରଣ ପର୍ବ ବାତିଲ ହୋଇଥିବା ସୂଚନା ମିଳିଛି। ଖୋଦ୍ ଅଧ୍ୟକ୍ଷଙ୍କ ପଞ୍ଚାୟତ ଭାଟସାହି ଓ ଚଣ୍ଡିବସ୍ତରୁ ବିଜେଡି କର୍ମୀ ବିଜେପିରେ ମିଶିବାକୁ ବିରୋଧ କରୁଛନ୍ତି। ଯେଉଁ ବ୍ୟକ୍ତିମାନଙ୍କ ପ୍ରରୋଚନାରେ ଅଧ୍ୟକ୍ଷ ବିଜେଡିରୁ ଇସ୍ତଫା ଦେଇଥିଲେ, ସେମାନେ ଏବେ ପୂର୍ବ ଭଳି ବିଜେଡି କ୍ୟାମ୍ପରେ ସୁନାପୁଅ ସାଜିଛନ୍ତି। ଆଗ ଧାଡ଼ିରେ ରହି ଅଧ୍ୟକ୍ଷଙ୍କ ବିରୁଦ୍ଧରେ ଅନାସ୍ଥା ଆଣିବାକୁ ସଜବାଜ ହେଉଛନ୍ତି। ନୟାଗଡ଼ ବ୍ଲକ ରାଜନୀତିରେ ଏବେ ଶୀତଳ ଯୁଦ୍ଧ ଆରମ୍ଭ ହୋଇଥିବା ବେଳେ ଆଗକୁ ପରିସ୍ଥିତି କଣ ହେବ ବୋଲି ପ୍ରଶ୍ନ ସୃଷ୍ଟି ହୋଇଛି।

